VISA

VISAChrome

August 14, 2026

BSE Limited 25 Floor P J Towers Dalal Street, Mumbai 400 001 **BSE SCRIP CODE: 532721**	National Stock Exchange of India Limited Exchange Plaza, Plot No. C/1, G Block Bandra – Kurla Complex, Bandra (E) Mumbai 400 051 **NSE SYMBOL: VISACHROME**

Sub: Publication of Unaudited Standalone and Consolidated Financial Results for the Quarter ended June 30, 2026

Dear Sir / Madam,

Pursuant to Regulation 47 of the Securities and Exchange Board of India (Listing Obligations and Disclosure Requirements) Regulations, 2015, please note that the Unaudited Standalone and Consolidated Financial Results of the Company for the Quarter ended June 30, 2026, were published in the leading English Newspaper, 'Business Standard' and the regional Oriya Newspaper, 'Sambad' on Friday, August 14, 2026. Copies of the same are enclosed for your information and records.

Thanking you.

Yours truly,
For VISA Chrome Limited
(formerly known as VISA Steel Limited)

AMISHA CHATURVEDI KHANNA
Digitally signed by AMISHA CHATURVEDI KHANNA
Date: 2026.08.14 12:41:16 +05'30'

VISA Chrome Limited Kolkata

Amisha Chaturvedi Khanna
Company Secretary &
Compliance Officer

Encl: As above

ମୃତ୍ୟୁ ଅପେକ୍ଷାରେ ମାଖନା ହାତୀ!

ଚାଲୁଛି ଅଳ୍ପ, ଝୁଣ୍ଟୁଛି ବେଶୀ

- ବାଣ ବିସ୍ଫୋରଣରେ ହୋଇଥିଲା ଆଖି ନଷ୍ଟ
- ସବୁଜାଣି ବନ ବିଭାଗ ଚୁପ୍
- ଟ୍ରାଙ୍କୁଲାଇଜ୍ ସହ ଚିକିତ୍ସା ଦାବି

ନୀଳଗିରି, ୧୩।୮ (ନି.ପ୍ର): ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର ପଞ୍ଚଲିଙ୍ଗେଶ୍ୱର ଓ ଆଖପାଖ ଅଞ୍ଚଳକୁ ବାରମ୍ବାର ଆସୁଥିବା କୁଲଡିହା ଜଙ୍ଗଲର ଏକ ମାଖନା ହାତୀ ଏବେ ଜୀବନମରଣ ସମସ୍ୟା ଦେଇ ଗତି କରୁଛି। ବାଣ ବିସ୍ଫୋରଣରେ ହାତୀଟିର ଗୋଟିଏ ଆଖି ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ ଆଖିକୁ ବି ଠିକ୍‌ରେ ଦେଖାଯାଉନାହିଁ। ଫଳରେ, ହାତୀଟି ଠିକ୍‌ରେ ଚଲାବୁଲା କରିପାରୁନି। ଯେତିକି ଚାଲୁଛି, ତା'ଠାରୁ ବେଶୀ ଝୁଣ୍ଟୁଛି। ଖାଲୁଆ ସ୍ଥାନରେ ହାମୁଡ଼େଇ ପଡ଼ିବା ସହ ଗଛରେ ପିଟି ହୋଇଯାଉଛି। ଏହି କାରଣରୁ ସେ ନିଜ ପାଇଁ ଠିକ୍‌ରେ ଖାଦ୍ୟ ବି ସଂଗ୍ରହ କରିପାରୁନାହିଁ। ଫଳରେ ଦିନକୁ ଦିନ ହାତୀଟି ଦୁର୍ବଳ ହେବାରେ ଲାଗିଛି। ଏ ସମ୍ପର୍କରେ ବନ ବିଭାଗ ଅବଗତ ଥିଲେ ହେଁ ଅଧିକାରୀ ଓ କର୍ମଚାରୀ ଚୁପ୍ ବସିଛନ୍ତି। ବିଭାଗର ଦାୟିତ୍ୱହୀନତା ପାଇଁ ଏବେ ଏହି ମାଖନା ହାତୀର ଅକାଳ ମୃତ୍ୟୁ ନେଇ ଆଶଙ୍କା ଦେଖାଦେଇଥିବା ଅଭିଯୋଗ ହୋଇଛି।


ସୂଚନାନୁଯାୟୀ, ଜୁଲାଇ ୩୦ ତାରିଖରେ ହାତୀଟି ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ପାର୍କିଂଷ୍ଟାଣ୍ଡରେ ପ୍ରାୟ ଦେଢ଼ ଘଣ୍ଟା ଧରି ତାଣ୍ଡବ ରଚିଥିଲା। କ୍ରମାଗତ ଭାବେ ହାତୀଟି ଦେବଗିରି ପାହାଡ଼ରୁ ଓହ୍ଲାଇ ଲୋକଙ୍କ ବିଲବାଡ଼ିରେ ଉପଦ୍ରବ କରିଥିଲା। ବନ ବିଭାଗ ଓ ଅଞ୍ଚଳବାସୀ ଘଉଡ଼ାଇବା ପାଇଁ ତା' ଉପରକୁ ବାଣ ଫିଙ୍ଗିଥିଲେ। ଗୋଟିଏ ବାଣ ହାତୀର ଆଖିରେ ବାଜିବାରୁ ତା'ର ପରଦା ନଷ୍ଟ ହୋଇଯାଇଥିଲା। ଗୋଟିଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ ଆଖିକୁ ଝାପ୍‌ସା ଦେଖାଯାଉଛି। ସ୍ୱଷ୍ଟ ଦେଖାଯାଉ ନଥିବାରୁ ସେ ଏବେ ଏଣେତେଣେ ପଶିଯିବା ସହ ଖାଲୁଆ ସ୍ଥାନରେ ହାବୁଡ଼ି ପଡ଼ିଯାଉଛି। ଚାଲୁଥିବା ବେଳେ ହାତୀଟି ଅଧିକାଂଶ ସମୟରେ ପଡ଼ିଯାଉଛି। ମଙ୍ଗଳବାର ଏକ ପଥର ଚଟାଣରେ ପଡ଼ି ଯାଇଥିବା ବେଳେ ବୁଧବାର ଏକ ବିଶାଳ ଗଛ ସହ ବାଡ଼େଇ ହୋଇ ଓଲଟି ପଡ଼ିଥିଲା। ହାତୀମାନେ ଓଲଟି ପଡ଼ିଲେ ତାଙ୍କ ହୃଦୟରେ ଶକ୍ତ ଆଘାତ ଲାଗି ମୃତ୍ୟୁ ଘଟିବାର ପୂର୍ବରୁ ନଜିର ରହିଛି। ଏଣୁ ଏହି ବିଶାଳକାୟ ଜୀବ ଖାଲୁଆ ସ୍ଥାନକୁ ଓହ୍ଲାଇବାକୁ ଭୟ କରିଥାଏ। କିନ୍ତୁ ଏହି ଦୃଷ୍ଟିହୀନ ହାତୀକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରିବା ପରିବର୍ତ୍ତେ ବନ ବିଭାଗ କେବଳ ଏହାର ଗତିବିଧି ଉପରେ ନଜର ରଖିବା ଦୁର୍ଭାଗ୍ୟର ବିଷୟ ବୋଲି ବନ୍ୟପ୍ରାଣୀପ୍ରେମୀ କହିଛନ୍ତି। କୁଲଡିହା ରେଞ୍ଜ ଦାୟିତ୍ୱରେ ଥିବା ଫରେଷ୍ଟର୍ ସୌମ୍ୟରଞ୍ଜନ ମାଝୀଙ୍କୁ ପଚରାଯିବାରୁ ସେ ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ) ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ହାତୀର ଜୀବନ ବଞ୍ଚାଇବାକୁ ଦାବି ହୋଇଛି।

ସରପଞ୍ଚ ଚାମେଲୀଙ୍କ ବିରୋଧରେ ଅନାସ୍ଥା ଭୋଟ

୨ ପ୍ଲାଟୁନ୍ ପୁଲିସ ଫୋର୍ସ, ୬ ଇନ୍ସପେକ୍ଟର ମୁତୟନ

କେନ୍ଦ୍ରାପଡ଼ା/ନୀଳାଞ୍ଚଳ ବଜାର, ୧୩।୮ (ବ୍ୟୁରୋ/ନି.ପ୍ର): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତର ଚର୍ଚ୍ଚିତ ସରପଞ୍ଚ ଚାମେଲୀ ଓଝାଙ୍କ ବିରୋଧରେ ଗୁରୁବାର ତିଖିରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନାସ୍ଥା ଭୋଟ ହୋଇଛି। ୨୨ ୱାର୍ଡ଼ ବିଶିଷ୍ଟ ଏହି ପଞ୍ଚାୟତର ୨୦ ଜଣ ୱାର୍ଡ ସଭ୍ୟ ଅନାସ୍ଥା ଭୋଟରେ ଅଂଶଗ୍ରହଣ କରିଥିଲେ। ଜଣେ ୱାର୍ଡ଼ ସଭ୍ୟ କୌଣସି ଅନିବାର୍ଯ୍ୟ କାରଣ ପାଇଁ ଅନୁପସ୍ଥିତ ଥିବା ବେଳେ ଅନ୍ୟ ଜଣେ ସଭ୍ୟ ପ୍ରସବକାଳୀନ ସମସ୍ୟା ପାଇଁ ଅନୁପସ୍ଥିତ ଥିଲେ। ସରପଞ୍ଚ ଭାବେ ଅନାସ୍ଥା ଭୋଟରେ ଅଂଶଗ୍ରହଣ କରିବାର ଅଧିକାର ଚାମେଲୀଙ୍କର ରହିଥିଲା। ହେଲେ ସେ ଏଥିରେ ଅଂଶଗ୍ରହଣ କରି ନ ଥିଲେ। ବରଂ ଏକ ଅଭିଯୋଗପତ୍ର ନେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ଏକ ଅଭିଯୋଗପତ୍ର ଦେଇଥିଲେ। ଏହାସହ ଉଚ୍ଚନ୍ୟାୟାଳୟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହାର ନକଲ ଚାମେଲୀ ପ୍ରଦାନ କରିଥିଲେ। ଏଥିରେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ରହିଥିଲା ଯେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆପଣ ଭୋଟ ଗ୍ରହଣ କରିବେ କିନ୍ତୁ ଫଳାଫଳ ପ୍ରକାଶ କରିବେ ନାହିଁ। ସେହିପରି ତାଙ୍କ ବିରୋଧରେ ଅନାସ୍ଥା ଆସିଥିଲେ ମଧ୍ୟ ତାଙ୍କୁ ଅନାସ୍ଥାର ବରାଦିପତ୍ର ଓ ସଂକଳ୍ପ ପତ୍ର ପ୍ରଦାନ କରାଯାଇ ନାହିଁ। ଏହାଦ୍ୱାରା ତାଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହୋଇଛି। ତେଣୁ ତାଙ୍କୁ ଏହା ପ୍ରଦାନ କରାଯିବା ପାଇଁ ସେ ନିର୍ବାଚନ ଅଧିକାରୀଙ୍କୁ ନିବେଦନ କରିଥିଲେ। କଡ଼ା ସୁରକ୍ଷା ବଳୟରେ ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ ଜଣେ ଏସଡିପିଓ, ଦୁଇ ଜଣ ଡିଏସପି, ୬ ଜଣ ଇନ୍ସପେକ୍ଟର ଓ ୨ ପ୍ଲାଟୁନ୍ ପୁଲିସ ବଳ, ମାଜିଷ୍ଟ୍ରେଟ ଭାବେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ମୁତୟନ ହୋଇଥିଲେ। ଶାନ୍ତି ଶୃଙ୍ଖଳାର ସହ ଭୋଟ ଗ୍ରହଣ କରାଯାଇଥିଲା। ଏହାକୁ ନେଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ।

ସୂଚନା ଥାଉକି ଜୁନ ୧୧ରେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ ଚାମେଲିଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ସେ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଥିଲା। ସେ ମହାକାଳପଡ଼ା ବିଡିଓ, ମହାକାଳପଡ଼ା ଥାନା ପୁଲିସ ଇନ୍ସପେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେ କେନ୍ଦ୍ରାପଡ଼ାରେ ଅନଶନ କରିବା ପରେ ରାଜଧାନୀରେ ଯାଇ ଅନଶନ କରିଥିଲେ। ଜୁଲାଇ ଦ୍ୱିତୀୟ ସପ୍ତାହରେ ସେ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ବୋଲି ଘୋଷଣା କରିଥିଲେ। ଜୁଲାଇ ୨୨ରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ଅଗଷ୍ଟ ୧୩ରେ ଭୋଟ ଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ଅନାସ୍ଥା ବିରୋଧରେ ଚାମେଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଚାମେଲୀଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ରାୟ ଦେଇଥିଲେ ଯେ ଅନାସ୍ଥା ନେଇ ଭୋଟ ଗ୍ରହଣ ହେବ, କିନ୍ତୁ ସେହିଦିନ ଫଳାଫଳ ଘୋଷଣା କରାଯିବ ନାହିଁ। ହାଇକୋର୍ଟ ଯେପର୍ଯ୍ୟନ୍ତ ନିର୍ଦ୍ଦେଶ ଦେଇ ନାହାନ୍ତି ସେପର୍ଯ୍ୟନ୍ତ ଫଳାଫଳ ଘୋଷଣା ହୋଇପାରିବ ନାହିଁ। ତେଣୁ ଗୁରୁବାର ଚାମେଲୀଙ୍କ ବିରୋଧରେ ଯେଉଁ ଅନାସ୍ଥା ଭୋଟ ଗ୍ରହଣ ହୋଇଛି ତାହାର ଫଳାଫଳ ଘୋଷଣା ହୋଇନାହିଁ।

କଥା କଥାରେ
– ଶିଳ୍ପୀ ଅଶୋକ

ନିଶାଡ଼ି କେବଳ ରାସ୍ତାରେ ନାହାନ୍ତି
ଅଛନ୍ତି ଆକାଶ ମାର୍ଗରେ,
ଗଞ୍ଜେଇ ଖାଇକି ଜଣେ ପାଇଲଟ
ନାଆଁ କଲା ଅଧା ସ୍ୱର୍ଗରେ।
ଅବଶ୍ୟ ସର୍କାର ଗର୍ବରେ,
ଆହ୍ୱାନ ଦେଲେଣି ନିଶା ଛଡ଼ାଇବେ
ଆଗକୁ ପ୍ରତିଟି ବର୍ଗରେ !!

ରାଜ୍ୟସଭାରେ ଖଣି ସଂଶୋଧନ ବିଧେୟକକୁ ବିଜେଡିର ବିରୋଧ

ସିଲେକ୍ଟ କମିଟିକୁ ପଠାଇବାକୁ ସାଂସଦ ମାନସଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ, ୧୩।୮ (ନି.ପ୍ର): ଖଣି ଏବଂ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ସଂଶୋଧନ ବିଧେୟକ ବା ଏମ୍ଏମ୍ଡିଆର୍ ସଂଶୋଧନ ବିଧେୟକ-୨୦୨୬କୁ ରାଜ୍ୟସଭାରେ ବିଜେଡି ବିରୋଧ କରିଛି। ରାଜ୍ୟସଭାରେ ବିଜେଡିର ସଂସଦୀୟ ଦଳ ନେତା ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏହି ବିଧେୟକକୁ ବିରୋଧ କରିବା ସହ ଏହାକୁ ସିଲେକ୍ଟ କମିଟିକୁ ପଠାଇବାକୁ ପ୍ରସ୍ତାବ ଦେଇଛନ୍ତି।

ଶ୍ରୀ ମଙ୍ଗରାଜ କହିଛନ୍ତି, ଓଡ଼ିଶା ଦେଶର ଏକ ପ୍ରମୁଖ ଖଣିଜ ଉତ୍ପାଦନକାରୀ ରାଜ୍ୟ। ଆମର ଲୁହାପଥର, ବକ୍ସାଇଟ୍, ମାଙ୍ଗାନିଜ୍ ଏବଂ ଅନ୍ୟାନ୍ୟ ଖଣିଜ ସମ୍ପଦ ଦେଶର ଶିଳ୍ପ ବିକାଶରେ ବହୁତ ବଡ଼ ଅବଦାନ ରଖିଛି। କିନ୍ତୁ ଖଣିଜ ଉତ୍ତୋଳନର ପରିବେଶଗତ ଓ ସାମାଜିକ ମୂଲ୍ୟ ମଧ୍ୟ ଓଡ଼ିଶାର ଲୋକ, ବିଶେଷକରି ଖଣି ପ୍ରଭାବିତ ଜିଲାଗୁଡ଼ିକର ଲୋକ ବହନ କରିଆସୁଛନ୍ତି। ସଂଘୀୟ ବ୍ୟବସ୍ଥା ଏବଂ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଉପରେ ଏହି ବିଧେୟକର ପ୍ରଭାବକୁ ସେ ଚିନ୍ତାପ୍ରକଟ କରିଛନ୍ତି। ସେ କହିଛନ୍ତି, ପ୍ରସ୍ତାବିତ ଧାରା ୯-ଡି ମାଧ୍ୟମରେ ରାଜ୍ୟ ସରକାରଙ୍କ ଖଣିଜ ଅଧିକାର ଏବଂ ଖଣିଜ ବହନ କରୁଥିବା ଜମି ଉପରେ ଟିକସ, ସେସ୍ କିମ୍ବା ଅନ୍ୟାନ୍ୟ ଲେଭି ଲାଗୁ କରିବାର କ୍ଷମତାକୁ ସୀମିତ କରିବାର ପ୍ରୟାସ କରାଯାଇଛି। ଏହା ଓଡ଼ିଶା ଭଳି ରାଜ୍ୟଗୁଡ଼ିକର ଆର୍ଥିକ କ୍ଷେତ୍ରକୁ ସଙ୍କୁଚିତ କରିବ। ଏହାକୁ ତରବରିଆ ଭାବରେ ପାରିତ ନ କରି ରାଜ୍ୟସଭାର ସିଲେକ୍ଟ କମିଟିକୁ ପଠାଯାଉ ବୋଲି ଶ୍ରୀ ମଙ୍ଗରାଜ ପ୍ରସ୍ତାବ ଦେଇଛନ୍ତି। ଅପରପକ୍ଷେ, ରାଜ୍ୟସଭାରେ ଏହି ବିଧେୟକ ପାରିତ ହୋଇଥିବା ଜଣାପଡ଼ିଛି।

ନଦୀରେ ହେବ ଡ୍ରେଜିଂ

ଭୁବନେଶ୍ୱର, ୧୩।୮ (ନି.ପ୍ର): ଉତ୍ତର ଓଡ଼ିଶାରେ ଲଘୁଚାପ ଜନିତ ଲଗାଣ ବର୍ଷା ହେଲେ ଜଳକା, ବୈତରଣୀ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, ସାଳନ୍ଦୀରେ ବନ୍ୟା ଆସୁଛି। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଜିଲାଗୁଡିକ ବନ୍ୟାରେ ପ୍ରଭାବିତ ହେଉଛି। ପ୍ରତିବର୍ଷ ବାରମ୍ବାର ବନ୍ୟା ଆସୁଥିବାରୁ ଭବିଷ୍ୟତରେ ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ପାଇଁ ସରକାର ବଡ଼ ଯୋଜନା ପ୍ରସ୍ତୁତ କରୁଛନ୍ତି। ଆଗାମୀ ଦିନରେ ଯାଜପୁର, ବାଲେଶ୍ୱର ଏବଂ ଭଦ୍ରକ ଭଳି ଜିଲା ଦେଇ ପ୍ରବାହିତ ହେଉଥିବା ନଦୀଗୁଡ଼ିକରେ ଡ୍ରେଜିଂ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଗଣ ବଳାତ୍କାର ଘଟଣାରେ ୫ ଗିରଫ; ଜଣେ ଫେରାର

ନିଶ୍ଚିନ୍ତକୋଇଲି, ୧୩।୮ (ନି.ପ୍ର): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଗତ ମଙ୍ଗଳବାର ବିଳମ୍ବିତ ରାତ୍ରିରେ କଟକ-ଚାନ୍ଦବାଲି ରାସ୍ତାର ସୁକରପଡ଼ା ଡାକବଙ୍ଗଳା ନିକଟରେ ୬ ଜଣ ଦୁର୍ବୃତ୍ତ କାର୍ କାଚ ଭାଙ୍ଗି ଭିତରେ ଥିବା ଯୁବତୀଙ୍କୁ ଆଏଣ୍ଡା ଗ୍ରାମର ଆମ୍ବ ତୋଟାରେ ଗଣ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ଗ୍ରାମାଞ୍ଚଳ ଏସ୍‌ପି, ସାଲେପୁର ଏସ୍‌ଡିପିଓ, ଅତିରିକ୍ତ ଏସ୍‌ପି ଓ ମୁଖ୍ୟାଳୟର ଡିଏସ୍‌ପି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା କରିଥିଲେ। ୩୬ ଘଣ୍ଟା ମଧ୍ୟରେ ଏହି ଘଟଣାରେ ସମ୍ପୃକ୍ତ ଥିବା ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲା ବେଳେ ଜଣେ ଏବେ ବି ଫେରାର ରହିଥିବା ଜଣାପଡ଼ିଛି। ମୁଖ୍ୟାଳୟର ଡିଏସ୍‌ପି ପ୍ରମିଳା ବେହେରା ଏହି ମାମଲା ପରିଚାଳନା କରୁଥିଲା ବେଳେ ତାଙ୍କ ନେତୃତ୍ୱରେ ୪ଟି ଟିମ୍ ଗଠନ କରାଯାଇ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ମାଧ୍ୟମରେ ବିଭିନ୍ନ ସ୍ଥାନରୁ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି। ଅପରପକ୍ଷରେ କୋର୍ଟ ପକ୍ଷରୁ ପୀଡ଼ିତାଙ୍କ ବୟାନ ଗ୍ରହଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଏଣ୍ଡା ଗ୍ରାମର ସାଜନ୍ ଖାଁ ଓରଫ (୨୭), ମୁନୁ ଖାଁ (୨୪), କୁଦାନଗରୀ ଥାନା ଅଞ୍ଚଳର ମହମ୍ମଦ ଅବୁଜାର ଗଫାର(୩୧), ସେକ୍ ରିଆସତ୍ ଅହମ୍ମଦ(୨୫), ନାହାଳପୁରର ସେକ୍ ସଲମାନ୍ ଅଲୀ(୧୯)।

ନାବାଳକକୁ ହତ୍ୟା ଘଟଣା
ଚିଲିକା ଟାପୁରୁ ୧୮ ଗିରଫ

କୃଷ୍ଣପ୍ରସାଦ, ୧୩।୮ (ନି.ପ୍ର): ଚିଲିକା ମଧ୍ୟରେ ନାବାଳକ ଓମ୍ ଶିକାରୀଙ୍କୁ ନିର୍ମମ ହତ୍ୟା ଘଟଣାରେ କୃଷ୍ଣପ୍ରସାଦ ପୁଲିସକୁ ସଫଳତା ମିଳିଛି। ଏହି ମାମଲାରେ ସମ୍ପୃକ୍ତ ମୋଟ ୧୮ ଅଭିଯୁକ୍ତଙ୍କୁ ଆଜି ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ଗଣେଶ ଦାସ ଗିରଫ ହେବାର ୨୪ ଘଣ୍ଟା ଭିତରେ, ଚିଲିକା ଟାପୁ ମଧ୍ୟରେ ଲୁଚି ରହିଥିବା ଅନ୍ୟ ୧୭ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ ସମସ୍ତ ଅଭିଯୁକ୍ତ ବାଲୁଗାଁ ଥାନା ଅନ୍ତର୍ଗତ ଚନ୍ଦ୍ରାପୁଟ ଗ୍ରାମର ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ସୋମବାର ଚନ୍ଦ୍ରାପୁଟ ଗ୍ରାମର ୧୮ ବ୍ୟକ୍ତି ୩ଟି ମେସିନ୍ ଚାଳିତ ଡଙ୍ଗାରେ ଆସି ରାମଲେଙ୍କା ପଞ୍ଚାୟତ କୁମାରପୁର ଚିଲିକା ନିକଟରେ ପହଞ୍ଚିଥିଲେ। ସେଠାରେ ଡଙ୍ଗାରେ ଥିବା ମତ୍ସ୍ୟଜୀବୀଙ୍କଠାରୁ ମାଛ ଓ ଚିଙ୍ଗୁଡ଼ି ଛଡ଼ାଇବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଅଭିଯୁକ୍ତମାନେ କାଠଫାଳିଆରେ ମତ୍ସ୍ୟଜୀବୀଙ୍କୁ ଆକ୍ରମଣ କରି ଚିଙ୍ଗୁଡ଼ି ଜାଲ ଛଡ଼ାଇ ନେଇଥିଲେ। ଏହି ଆକ୍ରମଣରେ ନାବାଳକ ଓମ୍ ଶିକାରୀ ଗୁରୁତର ଆହତ ହୋଇ ପ୍ରାଣ ହରାଇଥିବା ନେଇ ପୁଲିସ ନିକଟରେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି।

'ସମାଜ' ଜନମତ

୧୩।୮ ର ମତାମତ

ଡିଜିପି ନିଯୁକ୍ତି ଖୁବଶୀଘ୍ର ହେବ କି?

ହଁ	୭୩%
ନା	୨୨%
ମନ୍ତବ୍ୟ ନାହିଁ	୫%

ଆଜିର ପ୍ରସଙ୍ଗ

ଶ୍ରୀଲିଙ୍ଗରାଜଙ୍କ ପ୍ରସାଦ, 'ମହାପ୍ରସାଦ' କି ?ଏ ନେଇ ଏବେ ବି କାହିଁକି ଶାସ୍ତ୍ରୀୟ ପ୍ରମାଣ ଦେବାକୁ ପଡୁଛି !

samajalive.inରୁ ଟ୍ରିଚ ଆକାଉଣ୍ଟ ଓ samajalive.in ୱେବ୍ ପେଜ୍‌ରେ ଦେଉଥିବା ଆପଣଙ୍କ ମନ୍ତବ୍ୟ। ମତ ଦେବା ସମୟ ସକାଳ ୯ରୁ ରାତି ୯।